## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ

ଚଳିତ ବର୍ଷ ଅଗଷ୍ଟ ମାସ ୨୪ ତାରିଖରେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୫୯ ତମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆମ ରାଜ୍ୟରେ ଏକମାତ୍ର କୃଷି ବିଶ୍ୱ ବିଦ୍ୟାଳୟ ଭାବେ ୧୯୬୨ ମସିହା ଅଗଷ୍ଟ ମାସ ୨୪ ତାରିଖରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପୁରସ୍କୃତ ହେବା ପାଇଁ ୩ ଜଣ ଅଗ୍ରଣୀ ଚାଷୀ ମନୋନୀତ ହୋଇଥିଲେ । ସେଥିମଧ୍ୟରୁ ବେଲଗୁଣ୍ଠା ବ୍ଲକ୍ ସୁଡଙ୍ଗାଇ ଗ୍ରାମର ଚାଷୀ ଶ୍ରୀ ସୁମନ୍ତ କୁମାର ପ୍ରଧାନ ମାଛ ଚାଷରେ ପୁରସ୍କୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଚାଷୀମାନେ ଯୋଗଦେଇ ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପରିସରରେ ପ୍ରତିଷ୍ଠା ଦିବସ ପାଳନର ସିଧାପ୍ରସାରଣ ଦେଖିଥିଲେ ।



## ଗରିବ କଲ୍ୟାଣ ରୋଜଗାର ଅଭିଯାନ ତାଲିମ ଶିବିର

କରୋନା ମହାମାରୀର ପ୍ରକୋପ ଯୋଗୁଁ ସମଗ୍ର ଦେଶରେ ଅଚଳ ଅବସ୍ଥା ସୃଷ୍ଟି ହୋଇଥିଲା । ଏହା ଦ୍ୱାରା ଲକ୍ଷ ଲକ୍ଷ ପ୍ରବାସୀ ଶ୍ରମିକ ଜୀବିକା ହରାଇ ନିଜର ଭିଟାମାଟିକୁ ବାହୁଡି ଥିଲେ । ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାର ଜୁନ୍ ମାସ ୨୦ ତାରିଖ ୨୦୨୦ ମସିହାରେ ଗରିବ କଲ୍ୟାଣ ରୋଜଗାର ଅଭିଯାନର ଶୁଭାରମ୍ଭ କରିଥିଲେ । ପ୍ରବାସୀ ଶ୍ରମିକ ମାନଙ୍କୁ ୧୨୫ ଦିନର ରୋଜଗାର ଯୋଗାଇ ଦେବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । ସମଗ୍ର ଭାରତରେ ୬ ଲକ୍ଷ ୨୦ ହଜାର ପ୍ରବାସୀ ଶ୍ରମିକ ଏହି ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିଲେ । ଆମ ରାଜ୍ୟରେ ୪ ଟି ଜିଲ୍ଲା ଯଥା ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର ର ପ୍ରବାସୀ ଶ୍ରମିକ ଏହି ଯୋଜନାରେ ଅର୍ନ୍ତଭୁକ୍ତ ହୋଇଥିଲେ ।

କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ତରଫରୁ ବିଭିନ୍ନ ବ୍ଲକ୍ ଯଥା ଜଗନ୍ନାଥପ୍ରସାଦ, ସୋରଡା, ଆସ୍କା, ଭଞ୍ଜନଗର, ବୁଗୁଡା ଅର୍ନ୍ତଗତ ଗ୍ରାମରେ ୩ ଦିନିଆ କୃଷି ଭିତ୍ତିକ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଦ୍ୱାରା ୨୮୦ଜଣ ପ୍ରବାସୀ ଶ୍ରମିକ ଲାଭବାନ୍ ହୋଇଥିଲେ ।



## ପୋଷଣ ମାହ ଅଭିଯାନ

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ -୧, ଭଞ୍ଜନଗର ପରିସରରେ ତା ୧୭.୦୯.୨୦୨୦ ରିଖରେ ଭାରତୀୟ କୃଷି ଓ ଅନୁସନ୍ଧାନ ସଂସ୍ଥାର ଆନୁକୁଲ୍ୟରେ ପୋଷଣ ମାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ଥାନୀୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ଅର୍ଜୁନ ବିଶୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୃଷ୍ଟିବଗିଚା, ଖାଦ୍ୟ ସଂରକ୍ଷଣ ଓ ପ୍ରକିୟାକରଣ ଏବଂ ଜୈବିକ କୃଷି ମାଧ୍ୟମରେ ପରିବାରରେ ଅପପୃଷ୍ଟି ରୋକା ଯାଇପାରିବ ସେଥି ସମ୍ବନ୍ଧିୟ ବିବରଣୀ ପ୍ରଦାନ କରିଥିଲେ । ସେହିପରି ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପାକଶାଳା ବଗିଚା ମାଧ୍ୟମରେ ଭୋଜନରେ ଅପପୃଷ୍ଟି ଦୂର କରିବାରେ ମା' ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡଃ. ସ୍ୱାଗତିକା ସାହୁ ଏହି ସଚେତନତା ଅଭିଯାନର କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ଓ ଅନୁସନ୍ଧାନ ସଂସ୍ଥାର ଭୂମିକା ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୃହ ବିଜ୍ଞାନୀ ଶ୍ରୀମତୀ ଅନିତା ପାତ୍ର ବିଭିନ୍ନ ଆଞ୍ଚଳିକ ଖାଦ୍ୟର ପ୍ରକ୍ରିୟାକରଣ, ପୃଷ୍ଟିବଗିଚାର ପ୍ରସ୍ତୁତି ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ୭୦ ଜଣ ଅଙ୍ଗନବାଡି କର୍ମୀ ଓ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟ ମାନେ ଯୋଗ ଦେଇଥିଲେ । ଅଙ୍ଗନବାଡି କେନ୍ଦ୍ରରେ ପୃଷ୍ଟିବଗିଚା ପ୍ରସ୍ତୁତି ନିମନ୍ତେ ବିହନ ଏବଂ ଚାରା ବଣ୍ଟନ କରାଯାଇଥିଲା ।





## ବିଶ୍ୱ ଖାଦ୍ୟ ଦିବସ

ତା୧୬.୧୦.୨୦୨୦ ରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ଜଗନ୍ନାଥପ୍ରସାଦ ବ୍ଲକ୍ ଅନ୍ତର୍ଗତ ପୋଷ୍ୟ ଗ୍ରାମ ଲେପା ରେ ବିଶ୍ୱ ଖାଦ୍ୟ ଦିବସ ପାଳନ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ସ୍ୱାଗତିକା ସାହୁ ଯୋଗଦେଇ ଏହି ଦିବସର ପାଳନର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋଚନା କରି କ୍ଷୁଧା ମୁକ୍ତ ପୃଥିବୀ ଗଠନରେ ଚାଷୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସେହିପରି ଅନ୍ୟାନ୍ୟ ବିଭାଗର ବୈଜ୍ଞାନିକମାନେ ଯୋଗ ଦେଇ ପୃଷ୍ଟିବଗିଚା ପ୍ରସ୍ତୁତି ବାଡିଅଗଣାରେ କୁକୁଡା ପାଳନ ଜୈବିକ କୃଷି ଇତ୍ୟାଦି ଏବଂ ସ୍ୱାସ୍ଥ୍ୟ ଏବଂ ଅପପୃଷ୍ଟି ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ୪୦ଜଣ ଚାଷୀ ଯୋଗ ଦେଇଥିଲେ ।



## କୃଷକ ମେଳା ଓ ପ୍ରଦର୍ଶନୀ

ଚଳିତ ବର୍ଷ ନଭେମ୍ବର ୨୪ ତାରିଖରେ ରବି ଋତୁ ପାଇଁ କୃଷକ ମେଳା ଓ ପ୍ରଦର୍ଶନୀ କୃଷି ବିଜ୍ଞାନ କେନ୍ଦ୍ରରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ଅତ୍ୟାଧୁନିକ ଜ୍ଞାନ କୌଶଳ, କୃଷି ଯନ୍ତ୍ରପାତି, ଉନ୍ନତି ମାନର ଚାରା ଉତ୍ପାଦନ କୌଶଳ, ଉନ୍ନତ ପ୍ରଜାତିର ପ୍ରାଣୀଧନ ଇତ୍ୟାଦିର ପ୍ରର୍ଦ୍ଦଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମାନ୍ତରାଳ ଭାବେ ଭୁବନେଶ୍ୱର ସ୍ଥିତ କୃଷି ବିଶ୍ୱବିଦ୍ୟାଳୟର କୃଷକ ମେଳା ଓ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ଠାରେ ହେଉଥିବା ଏହି କାର୍ଯକ୍ରମରେ ମାନ୍ୟବର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀଯୁକ୍ତ ଅରୁଣ ସାହୁ ଯୋଗ ଦାନ କରି ଚାଷୀ ମାନଙ୍କୁ ଉଦବୋଧନ ଦେଇଥିଲେ, ଯାହାକୁ ସିଧା ପ୍ରସାରଣ ଜରିଆରେ ଆମ କେନ୍ଦ୍ରର ଚାଷୀଭାଇମାନେ ଦେଖିଥିଲେ । ପରିଶେଷରେ ଆମ୍ବପୁଆ ଗ୍ରାମର ଜଣେ ସଫଳ ଛତୁଚାଷୀ ଟି. ନାରାୟଣ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।




This Newsletter is published & owned by Sr. Scientist and Head, Krishi Vigyan Kendra, Ganjam-I, Bhanjanagar, Pin.: 761140
e-mail:kvkganjam1.ouat@gmail.com, Web : www.ganjamkvkzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003



# ଋଷିକୁଲ୍ୟା

### ତ୍ରୈମାସିକ ସମାଚାର ପତ୍ରିକା

Krishi Vigyan Kendra
Ganjam-I
Odisha University of
Agriculture & Technology
Bhubaneswar

କୃଷି ବିଜ୍ଞାନ କେନ୍ଦ୍ର
ଗଞ୍ଜାମ-୧
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଦ୍ୱାଦଶ ବର୍ଷ | ଜୁଲାଇ - ଡିସେମ୍ବର ୨୦୨୦ | ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା

## ବାର୍ତ୍ତା



ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଅଧିକାଂଶ ଲୋକେ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାଆନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ କୃଷିକ୍ଷେତ୍ରରୁ ମିଳୁଥିବା ଆୟର ଅନିଶ୍ଚିତତା ଯୋଗୁଁ ଚାଷୀଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା କୃଷି ସମ୍ପର୍କିତ ଆଧୁନିକ ଜ୍ଞାନ କୌଶଳର ସନ୍ଦେଶ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ତରଫରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୂଲ୍ୟା" ଏକ ଆଲୋକବର୍ତ୍ତିକା ସଦୃଶ ।

ଏହି ପତ୍ରିକାଟି କୃଷିର ବିକାଶ ସହ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ ଏବଂ ଚାଷୀଭାଇ ଓ ଭଉଣୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ବିଶ୍ୱାସ । ଏହି ପତ୍ରିକାରେ ମୁଦ୍ରିତ କୃଷିଭିତ୍ତିକ ସମାଚାର ଜିଲ୍ଲାର ବେକାର ଯୁବକ ଓ ଯୁବତୀ, କୃଷିଜୀବି, କୃଷି ସଂପ୍ରସାରଣ ଅଧିକାରୀମାନଙ୍କ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିପାରିବ ବୋଲି ମୋର ଆଶା । ସମସ୍ତ ବୈଜ୍ଞାନିକ ଏବଂ କର୍ମଚାରୀଙ୍କୁ ଆନ୍ତରିକ ଧନ୍ୟବାଦ୍ ଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା "ଋଷିକୂଲ୍ୟା"ର ସଫଳ କାମନା କରୁଛି ।

ଅଧ୍ୟକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ସମ୍ପାଦନା

ପ୍ରକାଶକ ଓ ମୁଖ୍ୟ ସମ୍ପାଦକ
ଡଃ. ସ୍ୱାଗତିକା ସାହୁ
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

ସମ୍ପାଦନା ମଣ୍ଡଳୀ
ଡଃ ସନ୍ତୋଷ କୁମାର ସାମନ୍ତରାୟ
ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା
ଶ୍ରୀ ବିଷ୍ଣୁପଦ ଗିରି
ଶ୍ରୀମତୀ ଅନୀତା ପାତ୍ର
ଡଃ ସିଦ୍ଧାର୍ଥ ରଣବିଜୁଳୀ
ଶ୍ରୀ ସତ୍ୟବ୍ରତ ମଙ୍ଗରାଜ
ଶ୍ରୀ ଶିତିକଣ୍ଠ ମିଶ୍ର
ଶ୍ରୀମତୀ ସାଇନିଶ୍ରୀ ଦାଶ

## ମୁଖ୍ୟ ସମ୍ପାଦକଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ର ସମାଚାର ପତ୍ରିକା "ଋଷିକୂଲ୍ୟା"ରେ କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନିତ କରାଯାଇଛି । କୃଷକ, କୃଷିଜୀବି ମହିଳା ଓ ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ସମୟରେ ନୂତନ କୃଷି ଜ୍ଞାନ କୌଶଳ ଶିକ୍ଷା ଦେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଉଅଛି । କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ପ୍ରଚେଷ୍ଟା ଓ କୃଷକମାନଙ୍କ ଅକ୍ଳାନ୍ତ ପରିଶ୍ରମ ଦିନେ ନିଶ୍ଚୟ ଆମ ଆଶାକୁ ପୂରଣ କରିବ । "ଋଷିକୂଲ୍ୟା" ପତ୍ରିକାରେ ପ୍ରକାଶିତ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ ବୋଲି ମୋର ଆଶା ଓ ବିଶ୍ୱାସ ।

ସ୍ୱାଗତିକା ସାହୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧

## ଚକଡା ପୋକ ସହନଶୀଳ ଧାନ କିସମର ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ଚକଡା ପୋକ ବା ମାଟିଆ ଗୁଣ୍ଡି ପୋକ ସାମ୍ପ୍ରତିକ ଜଳବାୟୁ ପରିସ୍ଥିତିରେ ଅତ୍ୟଧିକ ପ୍ରାଦୁର୍ଭାବ ଦେଖାଇ ଧାନ ଫସଲକୁ ସଂପୁର୍ଣ୍ଣ ନଷ୍ଟ କରିବାର ନଜିର ରହିଛି । ଏହି ପୋକ ସାଧାରଣତଃ ସେପ୍ଟେମ୍ବର ମାସରୁ ନଭେମ୍ବର ମାସ ମଧ୍ୟରେ ଧାନ ଫସଲକୁ ଆକ୍ରମଣ କରିଥାଏ । ଏହି ମାଟିଆ ଗୁଣ୍ଡି ପୋକ ଅତ୍ୟଧିକ ତାପମାତ୍ରା ସହ୍ୟ କରିବା ସହ ପରିବେଶ ସହ ଶୀଘ୍ର ଖାପ ଖୁଆଇ କୀଟନାଶକ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାନ୍ତି । ଏହି ପରିସ୍ଥିତିକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୧ ତରଫରୁ ଚକଡା ପୋକ ସହନଶୀଳ ଧାନ କିସମ ହସନ୍ତର ଚଳିତ ବର୍ଷ ଖରିଫ ଋତୁରେ ଏକ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନର ଆୟୋଜନ କରାଯାଇଥିଲା । ଉକ୍ତ ପ୍ରଦର୍ଶନରେ ୧୦ ଜଣ ଚାଷୀ ଭାଇ ଅଂଶଗ୍ରହଣ କରିଥିଲେ । ଆମ ଜିଲ୍ଲାରେ ଚାଷୀ ଭାଇମାନେ ଖାଲୁଆ ଜମିରେ ସାଧାରଣତଃ ସ୍ୱର୍ଣ୍ଣ ଧାନ କିସମ ଲଗାଇଥାନ୍ତି । ଏହି ପ୍ରଦର୍ଶନରେ ଜଣାଯାଇଥିଲା ଯେ ସ୍ୱର୍ଣ ଧାନ କିସମରେ ବୁଦା ପ୍ରତି ୧୧-୧୪ ଟି ମାଟିଆ ଗୁଣ୍ଡି ପୋକ ରହିଥିବାବେଳେ ହସନ୍ତ କିସମରେ ମାଟିଆ ଗୁଣ୍ଡି ପୋକର ପ୍ରାଦୁର୍ଭାବ ନଥିଲା ଏବଂ ଅଗାଡି ଧାନ ସଂଖ୍ୟା ମଧ୍ୟ ବହୁତ କମ୍ ଥିଲା । ଚାଷୀଭାଇମାନେ ସ୍ୱର୍ଣ ଧାନ କିସମରୁ ହାରାହାରି ୩୫ କ୍ୱିଣ୍ଟାଲ୍ ଅମଳ ପାଇଥିବା ବେଳେ ହସନ୍ତ କିସମରୁ ୪୨ କ୍ୱିଣ୍ଟାଲ୍ ପାଇଥିଲେ ।



## ବାଇଗଣ ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନା

ଆମ ଜିଲ୍ଲାରେ ପ୍ରାୟ ୬୦୦୦ ହେକ୍ଟର ଜମିରେ ବାଇଗଣ ଚାଷ କରାଯାଏ । ଏହି ଫସଲରେ ଅଧିକ ପରିମାଣରେ ରାସାୟନିକ ସାର ବ୍ୟବହାର କରିବା ଦ୍ୱାରା ଜମିର ଉର୍ବରତା ଶକ୍ତି ହ୍ରାସ ପାଇବା ସହ ଅମଳ ଧିରେ ଧିରେ କମିଯାଉଛି । ଏହି ସମସ୍ୟାକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ -୧ ତରଫରୁ ଏହାର ପୋଷ୍ୟ ଗ୍ରାମ ଗୁଡିକରେ ବାଇଗଣ ଫସଲରେ ସମନ୍ୱିତ ଖାଦ୍ୟ ସାର ପରିଚାଳନା ପାଇଁ ଏକ କ୍ଷେତ୍ର ପ୍ରଦର୍ଶନର ଆୟୋଜନ କରାଯାଇଥିଲା । ଏହି ପ୍ରଦର୍ଶନରେ ଜୀବାଣୁସାର ସହିତ ରାସାୟନିକ ସାର ଓ ଅଣୁସାର ମଧ୍ୟ ବ୍ୟବହାର କରାଯାଇଥିଲା । ଆଜୋସ୍ପିରିଲମ୍ ଓ ପି.ଏସ୍.ବି ନାମକ ଜୀବାଣୁସାର ପ୍ରତ୍ୟେକ ରୁ ୫ କି.ଗ୍ରା ନେଇ ସଢା ଗୋବର ଖତରେ ଗୋଳାଇ ୧ ସପ୍ତାହ ରଖି ହୁଡା ଦେବା ସମୟରେ ଫସଲ ମୁଳରେ ପ୍ରୟୋଗ କରାଯାଇଥିଲା । ଏହି ଜୀବାଣୁସାର ପ୍ରୟୋଗ କରିବାରୁ ରାସାୟନିକ ସାରରୁ ୨୫% କମ୍ ଦିଆଗଲା । ଫୁଲ, ଫଳ ସମୟରେ ବୋରନ୍ ନାମକ ଅଣୁସାରକୁ ପ୍ରତି ୧୫ ଦିନ ବ୍ୟବଧାନରେ ସିଞ୍ଚନ କରାଗଲା । ଚାଷୀଙ୍କ କ୍ଷେତରୁ ହେକ୍ଟର ପିଛା ୨୯୩ କ୍ୱିଣ୍ଟାଲ୍ ଅମଳ ହୋଇଥିବା ବେଳେ ପ୍ରଦର୍ଶନ କ୍ଷେତରୁ ୩୪୫ କ୍ୱିଣ୍ଟାଲ୍ ଅମଳ ହୋଇଥିଲା । ଯାହାକି ୧୭.୭୪% ଅଧିକ ଥିଲା । ଏହା ବ୍ୟତୀତ ପ୍ରତି ଗଛ ପିଛା ଚାଷୀଙ୍କ କ୍ଷେତରୁ ୨୮ ଟି ଫଳ ଆଦାୟ ହୋଇଥିବା ବେଳେ ପ୍ରଦର୍ଶନ କ୍ଷେତରୁ ୪୦ ଟି ଫଳ ଅମଳ ହୋଇଥିଲା ।





## ଅଧିକ ଅମଳକ୍ଷମ ମାଣ୍ଡିଆ ବିହନର କ୍ଷେତ୍ର ପରୀକ୍ଷଣ

ପାରମ୍ପରିକ କୃଷିରେ ଲଘୁଶସ୍ୟ ଚାଷ ଏକ ଗୁରୁତ୍ୱପୂର୍ଣ ଭୂମିକା ନିଭାଇ ଥାଏ । ଅନୁର୍ବର ମାଟି, ଶୁଷ୍କ ଜଳବାୟୁ, ସ୍ୱଳ୍ପ ଜଳରେ ଲଘୁଶସ୍ୟ ଚାଷ ହେଉଥିବାରୁ ଏହା ଚାଷୀମାନଙ୍କ ନିକଟରେ ଖୁବ୍ ଆଦୃତ। ଲଘୁଶସ୍ୟମାନଙ୍କ ମଧ୍ୟରେ ମାଣ୍ଡିଆ ଏକ ଲାଭଜନକ ଶସ୍ୟ ଅଟେ । ମାଣ୍ଡିଆକୁ ପ୍ରଥମେ ଗରିବମାନଙ୍କ ଖାଦ୍ୟ ଭାବେ ବିବେଚନା କରାଯାଉଥିଲା । କିନ୍ତୁ ବର୍ତ୍ତମାନ ମାଣ୍ଡିଆ ନିଜର ପୃଷ୍ଟିକର ଗୁଣାବଳୀ ପାଇଁ ସମସ୍ତ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ଆଦୃତ । ଗଞ୍ଜାମ ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରାୟତଃ ୪୨ ହଜାର ହେକ୍ଟର ଜମିରେ ଚାଷ ହୋଇ ହାରାହାରି ଭାବେ ହେକ୍ଟର ପିଛା ୯୩୦ କେଜି ଅମଳ ମିଳିଥାଏ । ମାଣ୍ଡିଆର ଗୁରୁତ୍ୱକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୧ ତରଫରୁ ଅଧିକ ଅମଳକ୍ଷମ ମାଣ୍ଡିଆ ବିହନର କ୍ଷେତ୍ର ପରୀକ୍ଷଣ କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ଖରିଫ ଋତୁରେ ଲେପା, ମଲାସପଦର ଓ ଝାଡଭୂମି ଗ୍ରାମର ୭ ଜଣ ଚାଷୀଙ୍କୁ ନେଇ ୧ ହେକ୍ଟର ଜମିରେ କରାଯାଇଥିଲା । ଚାଷୀଭାଇମାନେ ପାରମ୍ପରିକ ଭାବେ ବୁଢା ମାଣ୍ଡିଆ ବିହନ ଚାଷ କରିଥାନ୍ତି ଯାହାର ଅବଧି ୭୦-୭୫ ଦିନ ଅଟେ । ଉନ୍ନତ ଅମଳକ୍ଷମ ବିହନ ଭାବେ ଅର୍ଜୁନ, ଭୈରବୀ ଓ କାଲୁଆ ବିହନକୁ ନେଇ କ୍ଷେତ୍ର ପରୀକ୍ଷଣ ଅନୁଷ୍ଠିତ ହୋଇଥିଲା । ବିହନ ଗୁଡିକର ହାରାହାରି ଅବଧି ୧୦୫-୧୨୦ ଦିନ ଅଟେ । ପାରମ୍ପରିକ ଓ ଉନ୍ନତ ଅମଳକ୍ଷମ ବିହନଗୁଡିକ ମଧ୍ୟରେ ଅର୍ଜୁନର ପ୍ରର୍ଦଶନ ଭଲ ରହିଥିଲା ଥିଲା ଅର୍ଜୁନ ହେକ୍ଟର ପ୍ରତି ହାରାହାରି ୧୮.୮ କ୍ୱିଣ୍ଟାଲ୍ ଅମଳ ହୋଇଥିବା ବେଳେ ବୁଢାମାଣ୍ଡିଆ ହେକ୍ଟର ପ୍ରତି ୧୦.୫ କ୍ୱିଣ୍ଟାଲ୍ ଅମଳ ହୋଇଥିଲା ।



## ମାଣ୍ଡିଆ ଫସଲରେ ମହିଷା ରୋଗର ପରିଚାଳନା

ମାଣ୍ଡିଆ ଫସଲ ଗଞ୍ଜାମ ଜିଲ୍ଲାର ଏକ ମୁଖ୍ୟ ଫସଲ ଭାବେ ଖରିଫ ଋତୁରେ ୪୨ ହଜାର ହେକ୍ଟର ଜମିରେ ଚାଷ କରାଯାଇଥାଏ । କମ ଅବଧି ଓ ପରିବର୍ତ୍ତିତ ଜଳବାୟୁ ସହିତ ଖାପ ଖୁଆଇବା ଗୁଣ ଯୋଗୁଁ ଏହା ଜିଲ୍ଲାରେ ବିଶେଷ ସ୍ଥାନ ପାଇଛି । ମାଣ୍ଡିଆ ଫସଲରେ ମହିଷା ରୋଗ ଏକ ମୁଖ୍ୟରୋଗ ଏବଂ ଏହା ଯୋଗୁଁ ପତ୍ର, କାଣ୍ଡ ଓ କେଣ୍ଡାଗୁଡିକ ଆକ୍ରାନ୍ତ ହୋଇ ୧୫-୨୦ ଭାଗ ଅମଳ କମ୍ ହୋଇଥାଏ । ପ୍ରଥମେ ପତ୍ର ଉପରେ ଆଖି ଭଳି ହୋଇଥାଏ । ଯାହାର ମଝି ଅଂଶ ଧଳା ଥାଏ । ପରବର୍ତ୍ତି ଅବସ୍ଥାରେ କାଣ୍ଡ ଓ କେଣ୍ଡାଗୁଡିକ ଭାଙ୍ଗିଯିବା ଯୋଗୁଁ ଅମଳ ପ୍ରଭାବିତ ହୋଇଥାଏ । ଏହାକୁ ପରିଚାଳନା କରିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ତରଫରୁ ଏକ କ୍ଷେତ୍ର ପ୍ରଦର୍ଶନ ରାଇପଲ୍ଲୀ, କାନସାରଳା, ଗେଞ୍ଜା, ବଳରାମପୁର ଗ୍ରାମରେ କରାଯାଇଥିଲା । ଏହା ବିହନ ଜନିତ ରୋଗ ହୋଇଥିବାରୁ ଫିମ୍ପିନାଶକ ଟ୍ରାଇସାଇକ୍ଲାଜୋଲ୍ ରେ ( ୧ ଗ୍ରାମ୍/ ୧ କେ.ଜି ବିହନ) ବିହନ ବିଶୋଧନ କରାଯାଇଥିଲା ଏବଂ ଦୁଇ ପ୍ରତିଶତ ରୋଗ ଦେଖାଯିବା ପରେ ଟ୍ରାଇସାଇକ୍ଲାଜୋଲ୍ ( ୧ ଗ୍ରାମ୍/ ୧ ଲିଟର) ସିଞ୍ଚନ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନରେ ମହିଷା ରୋଗ ପ୍ରାଦୁର୍ଭାବ ୮୫% ପ୍ରତିଶତ କମିଥିବା ବେଳେ ଅମଳ ୧୭ ପ୍ରତିଶତ (୧୨.୪ କ୍ୱିଣ୍ଟାଲ୍‌ରୁ ୧୪.୫ କ୍ୱିଣ୍ଟାଲ) ବଢିଥିଲା ।



## ଲଙ୍କା ଫସଲରେ ବୃଦ୍ଧି ଉଦ୍ଦୀପକ ପ୍ରୟୋଗର କ୍ଷେତ୍ର ପରୀକ୍ଷଣ

ଆମ ଜିଲ୍ଲାରେ ପ୍ରାୟ ୫୬୭୦ ହେକ୍ଟର ଜମିରେ ଲଙ୍କା ଫସଲ ଚାଷ କରାଯାଏ । ଫୁଲ ଓ ଫଳ କଷି ଝଡିବା ଏହି ଫସଲର ଏକ ମୁଖ୍ୟ ସମସ୍ୟା ଅଟେ । ସାଧାରଣତଃ ବର୍ଷା ଦିନରେ ଫୁଲର ପରାଗରେଣୁ ଓ ଗର୍ଭାଶିର୍ଷ ଧୋଇ ହେଇଯିବା ଦ୍ୱାରା ଫଳ କଷି ରହେ ନାହିଁ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ -୧ ତରଫରୁ ଏହାର ପୋଷ୍ୟ ଗ୍ରାମ ଗୁଡିକରେ ଲଙ୍କା ଫସଲରେ ଅଧିକ କଷି ରଖିବା ପାଇଁ ୨ ଟି ବୃଦ୍ଧି ଉଦ୍ଦୀପକ ଉପରେ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ପ୍ଲାନୋଫିକସ୍ ହରମୋନକୁ ୪ ଲିଟର ପାଣିରେ ୧ ମି.ଲି ମିଶାଇ ଫୁଲ ଆସିବା ସମୟରେ ପତ୍ର ସିଞ୍ଚନ କରାଗଲା । ଅନ୍ୟ କ୍ଷେତରେ ଟ୍ରାୟାକଣ୍ଟାନଲ୍ ନାମକ ବୃଦ୍ଧି ଉଦ୍ଦୀପକକୁ ପ୍ରତି ୨ ଲିଟର ପାଣିରେ ୩ ମି.ଲି. ମିଶାଇ ଫୁଲ ଆସିବା ସମୟରେ ପତ୍ର ସିଞ୍ଚନ କରାଯାଇଥିଲା । ଏହି ପରିକ୍ଷଣରେ ଦେଖାଗଲାଯେ ଟ୍ରାୟାକଣ୍ଟାନଲ୍ ର ପ୍ରୟୋଗ ହୋଇଥିବା କ୍ଷେତରୁ ଗୋଟେ ଗଛରୁ ୯୦ ଟି ଲଙ୍କା ଫଳିଥିବା ବେଳେ ପ୍ଲାନୋଫିକସ୍ ସିଞ୍ଚନ ହୋଇଥିବା ଗଛରୁ ୭୯ ଟି ଫଳ ହୋଇଥିଲା ସେହିଭଳି ଟ୍ରାୟାକଣ୍ଟାନଲ୍ ପ୍ରୟୋଗ ହୋଇଥିବା କ୍ଷେତରୁ ହେକ୍ଟର ପିଛା ୧୧୨ କ୍ୱିଣ୍ଟାଲ ଅମଳ ହୋଇଥିବାବେଳେ ପ୍ଲାନୋଫିକସ୍ ପ୍ରୟୋଗ ହୋଇଥିବା କ୍ଷେତରୁ ହେକ୍ଟର ପିଛା ୧୦୫ କ୍ୱିଣ୍ଟାଲ ଅମଳ ହୋଇଥିଲା । ବୃଦ୍ଧି ଉଦ୍ଦୀପକ ପଯୋଗ ନହୋଇଥିବା ଗଛ ପିଛା ୬୩ ଟି ଫଳ ହୋଇଥିବା ବେଳେ ହେକ୍ଟର ପିଛା ୮୯ କ୍ୱିଣ୍ଟାଲ୍ ଅମଳ ହୋଇଥିଲା ।




## ବେଙ୍ଗଲା ପଡିଥିବା ନଡାରେ ଛତୁ ଚାଷ

ଗଞ୍ଜାମ ଜିଲ୍ଲାରେ ବହୁତ ମହିଳା ଚାଷୀ ଛତୁ ଚାଷକୁ ଜୀବିକା ରୂପେ ଗ୍ରହଣ କଲେଣି । ଛତୁ ଉତ୍ପାଦନରେ ଓଡିଶାରେ ଗଞ୍ଜାମ ଜିଲ୍ଲା ଦ୍ୱିତୀୟ ସ୍ଥାନ ଗ୍ରହଣ କରିଛି । ଆଜିକାଲି କିନ୍ତୁ ଧାନ ଅମଳ ମେସିନ୍ ଦ୍ୱାରା ହେଉଥିବାରୁ ପର୍ଯ୍ୟାପ୍ତ ପରିମାଣରେ ନଡା ମିଳିପାରୁନାହିଁ ଫଳରେ ଛତୁ ଚାଷୀମାନେ ନଡା କିଣିବାରେ ଅଧିକ ବ୍ୟୟ କରୁଛନ୍ତି । ଏହି ଅସୁବିଧାକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଏକ ଆଗଧାଡି କ୍ଷେତ୍ର ପ୍ରର୍ଦଶନ ବିଭିନ୍ନ ଗ୍ରାମ ଯଥା ବାରୁଡା, ଫୁଲସରାପଲ୍ଲୀ, ବୁଦୁଲି ର ମହିଳା ମାନଙ୍କୁ ନେଇ କ୍ଷେତ୍ରପ୍ରଦର୍ଶନ କରିଥିଲା । ଏଥିରେ ଆବଶ୍ୟକ ହେଉଥିବା ଜ୍ଞାନ କୌଶଳ ଯୋଗାଇ ଦିଆଯାଇଥିଲା । ଏହି କ୍ଷେତ୍ରପ୍ରଦର୍ଶନରେ ବେଙ୍ଗଲା ପଡିଥିବା ନଡାକୁ ବ୍ୟବହାର କରି ଛତୁ ଚାଷ କରାଯାଇଥିଲା । ପାରମ୍ପରିକ ଉପାୟରେ ଛତୁ ଚାଷରେ ଚାଷୀ ବେଡ୍ ପିଛା ୧,୦୦୦ ଗ୍ରାମ ପାଉଥିଲା ବେଳେ ଏହି ପଦ୍ଧତିରେ ପ୍ରାୟ ୬୦୦ ଗ୍ରାମ ଅମଳ ହୋଇଥିଲା । ପାରମ୍ପରିକ ଉପାୟରେ ହେଉଥିବା ଛତୁ ଚାଷରେ ବେଡ୍ ପିଛା ଚାଷୀ ୭୦ ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ଏଥିରେ ୪୦ ଟଙ୍କା ଖର୍ଚ୍ଚ ହେଇଥିଲା ଏବଂ ଲାଭ କ୍ଷତିର ଅନୁପାତ ପାରମ୍ପରିକ ଉପାୟରେ ହେଉଥିବା ଛତୁ ଚାଷର ବେଡ୍ ପ୍ରତି ୧.୭ ରହୁଥିବା ବେଳେ ୧.୮ ରହୁଛି । ଏହି ପ୍ରଦର୍ଶନରେ ମହିଳା ଚାଷୀମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି ।



ଋଷିକୁଲ୍ୟା

## ପାଳଛତୁ ବେଡ୍‌ରେ ଅଦରକାରୀ କବକ ଓ ରୋଗର ପରିଚାଳନା

ଗଞ୍ଜାମ ଜିଲ୍ଲା ପାଳଛତୁ ଉତ୍ପାଦନରେ ଓଡିଶାରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । ଏଠାରେ ଚାଷୀମାନେ ବୈଜ୍ଞାନିକ ପଦ୍ଧତିରେ ପାଳଛତୁ ଚାଷ କରନ୍ତି । କିନ୍ତୁ ଅନେକ ସମୟରେ ବିଭିନ୍ନ ଅଦରକାରୀ କବକ ଯେପରିକି ଗୋବର ଛତୁ, ନୀଳ ଫିମ୍ପି, ହଳଦିଆ ଫିମ୍ପି ଇତ୍ୟାଦି ଛତୁ ବେଡ୍‌କୁ ସଂକ୍ରମିତ କରି ଛତୁ ବେଡ୍‌ର ଉତ୍ପାଦନ କ୍ଷମତା କମାଇ ଦିଅନ୍ତି । ଏହି ପରିପ୍ରେକ୍ଷୀରେ କୃଷିବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ଏକ କ୍ଷେତ୍ରପରୀକ୍ଷଣ ଛତୁ ବେଡ୍‌ର ଅଦରକାରୀ କବକ ଓ ରୋଗ ପରିଚାଳନା ବାବଦରେ ବିଭିନ୍ନ ପୋଷ୍ୟ ଗ୍ରାମରେ ମହିଳା ମାନଙ୍କୁ ନେଇ କରାଯାଇଥିଲା । ଏଥିରେ ଦୁଇଟି ପରୀକ୍ଷା କରାଯାଇଥିଲା । ପ୍ରଥମ ପରୀକ୍ଷାରେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ୦.୦୧ ପ୍ରତିଶତ ଛତୁ ବେଡ୍ ରେ କଡ ଆସୁଥିବା ସମୟରେ ସିଞ୍ଚନ କରାଯାଇଥିଲା ସେହିପରି ଦ୍ୱିତୀୟ ପରୀକ୍ଷାରେ ନଡା ବତୁରାଇବା ସମୟରେ ୨ ପ୍ରତିଶତ ଚୂନ ପ୍ରୟୋଗ କରାଯାଇଥିଲା । ଏହି ପରୀକ୍ଷା ପରେ ଦେଖାଗଲା ଯେ ପାରମ୍ପରିକ ଉପାୟରେ ଚାଷ କରୁଥିବା ଛତୁ ବେଡ୍ ର ଉତ୍ପାଦନ କ୍ଷମତା ୧୦ ପ୍ରତିଶତ ଥିଲା ବେଳେ, ପ୍ରଥମ ପରୀକ୍ଷା ଦ୍ୱାରା ଛତୁ ବେଡ୍ ର ଉତ୍ପାଦନ କ୍ଷମତା ୧୨ ପ୍ରତିଶତ ହୋଇଥିଲା । ଏବଂ ଦ୍ୱିତୀୟ ପରୀକ୍ଷା ଦ୍ୱାରା ଛତୁ ବେଡ୍ ର ଉତ୍ପାଦନ କ୍ଷମତା ୧୪ ପ୍ରତିଶତ ହୋଇଥିଲା । ପାରମ୍ପରିକ ଉପାୟରେ ଚାଷ ହେଉଥିବା ବେଡରୁ ୧.୧ କେ.ଜି ଛତୁ ଅମଳ ହେଉଥିଲା ବେଳେ ଷ୍ଟ୍ରେପ୍ଟୋସାଇକ୍ଲିନ୍ ର ପ୍ରୟୋଗ ଯୋଗୁ ୧.୨ କେ.ଜି. ହୋଇଥିଲା ବେଳେ ଚୂନ ପ୍ରୟୋଗ ଦ୍ୱାରା ୧.୪ କେ.ଜି ଛତୁ ଅମଳ ହୋଇଥିଲା । ଦ୍ୱିତୀୟ ପରୀକ୍ଷଣ କୁ ମହିଳା ଚାଷୀ ମାନେ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।



## ବ୍ୟବସାୟିକ ଭିତ୍ତିରେ କଡକନାଥ କୁକୁଡା ପାଳନ

କୁକୁଡା ପାଳନ ଏକ ଲାଭଜନକ ବ୍ୟବସାୟ, ଆମ ଜିଲ୍ଲାରେ ଅନେକ ଚାଷୀଭାଇ ମାନେ ଦେଶୀ କୁକୁଡା ପାଳନ କରନ୍ତି । ଦେଶୀ କୁକୁଡାର ଶରୀର ବୃଦ୍ଧି ଓ ଅଣ୍ଡା ଉତ୍ପାଦନ ବହୁତ କମ୍ ରହୁଥିବା ବେଳେ ମୃତ୍ୟୁହାର ଅଧିକ ରହିଥାଏ । ଏହାଦ୍ୱାରା ଚାଷୀଭାଇମାନେ ଆର୍ଥିକ କ୍ଷତି ସହିଥାନ୍ତି । କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ ଦ୍ୱାରା ଚାଷୀମାନଙ୍କ ଏହି ଅସୁବିଧାକୁ ଦୃଷ୍ଟିରେ ରଖି କଡକନାଥ କୁକୁଡା ପାଳନ ଉପରେ ଆଗୁଆଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଟିକିକରଣ କରି ୨୧ ଦିନିଆ କଡକନାଥ ଚିଆଁ ଚାଷୀ ମାନଙ୍କୁ ଯୋଗାଇ ଦିଆଯାଇଥିଲା । ଆମର ଉଷ୍ମଆର୍ଦ୍ର ଜଳବାୟୁରେ ଏହି ପ୍ରଜାତି ଭଲ ଖାପଖୁଆଇ ଚଳିବା ସହ ମୃତ୍ୟୁହାର ମାତ୍ର ୧-୨% ରହିଥିଲା । ବନ୍ୟଜନ୍ତୁ ଠାରୁ ନିଜକୁ ରକ୍ଷାକରିବା ସହ ବୁଲି କରି ଖାଦ୍ୟ ସଂଗ୍ରହରେ ଏହି ପ୍ରଜାତି ସଫଳ ରହିଥିଲା । ଛଅମାସରେ ହାରାହାରି ଓଜନ ୧.୮ କେ.ଜି ରହିବା ସହ ଅଣ୍ଡା ଉତ୍ପାଦନ କ୍ଷମତା ବାର୍ଷିକ ୧୨୦ ରହିଥିଲା । ଏହି କୁକୁଡାର ବଜାର ଚାହିଦା ଭଲ ରହିବା ସହ କେଜି ପିଛା ୩୦୦-୪୦୦ ଟଙ୍କା ପର୍ଯ୍ୟନ୍ତ ଦର ରହିଥିଲା । ଚାଷୀଭାଇମାନେ ଏହି କୁକୁଡା କୁ ୫୦-୧୦୦ କ୍ଷମତା ବିଶିଷ୍ଟ ବ୍ୟବସାୟିକ ଭିତ୍ତିରେ ପାଳନ କରି ଲାଭବାନ ହୋଇପାରିବେ ।

